# Akashvani, Sambalpur

# SAMBALPURI NEWS BULLETIN

## 27 April 2024- 6.47- 6.52 am.

*********************************************

୨ ନମ୍ବର୍ ଖେପ୍ ମତଦାନ୍ ଆର୍ଏନ୍ୟୁ / ସମ୍ବଲପୁର

ଲୋକ୍ସଭା ନିର୍ବାଚନ୍ ଲାଗି ୨ ନମ୍ବର୍ ଖେପ୍ର ମତଦାନ୍ ଗଲାକାଏଲ୍ ପୁରା ହେଇଛେ । ୧୨ ଟା ରାଜ୍ୟ ଆଉ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍ର ୮୮ ଟା ଆସନ୍ ଲାଗି ଭୋଟର୍ମାନେ ନିଜର୍ ମତଦାନ୍ ଅଧିକାର୍ ସାବ୍ୟସ୍ତ କରିଛନ୍ । ପାଖାପାଖି ୬୧ ପ୍ରତିଶତ୍ ମତଦାନ୍ ହେଇଥିବାର୍ ନିର୍ବାଚନ୍ ଆୟୋଗଙ୍କର୍ ରିପୋର୍ଟ୍ନୁ ଜନାପଡ଼ିଛେ ।

ରାଜ୍ୟ- ପହେଲା ଖେପେ୍ ନିର୍ବାଚନ୍ ନାମାଙ୍କନ୍

ଆର୍ଏନ୍ୟୁ / ସମ୍ବଲପୁର

ରାଏଜେ ପହେଲା ଖେପେ ହେବାର୍କେ ଥିବାର୍ ୪ ଟା ଲୋକ୍ସଭା ଆଉ ଇତାର୍ ଅଧିନ୍ଥି ଥିବା ୨୮ ଟା ବିଧାନ୍ସଭା

ଆସନ୍ ଲାଗି ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ସରିଛେ । ୪ ଟା ଲୋକ୍‌ସଭା ଆସନ୍ ଲାଗି ୩୯ ଝନ୍ ପ୍ରାର୍ଥୀ ନାମାଙ୍କନ୍ ପତ୍ର ଦାଖଲ୍ କରିଛନ୍ । ହେନ୍ତା ୨୮ ଟା ବିଧାନ୍‌ସଭା ଆସନ୍ ଲାଗି ୨ ଶହ ୬୬ ଝନ୍ ପ୍ରାର୍ଥୀ ନାମାଙ୍କର୍ ପତ୍ର ଦାଖଲ୍ କରିଥିବା ନେଇ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ମିଲିଛେ ।

ସେଆଡ଼େ ଆଏବା ମାସ ୨୦ ତାରିଖ୍ ଦିନ ଭୋଟ୍ ହେବାର୍‌କେ ଥିବା ବର୍‌ଗଡ଼୍, ସୁନ୍ଦର୍‌ଗଡ଼୍, ବଲାଙ୍ଗିର୍, କନ୍ଧମାଲ୍ ଆର୍ ଆସ୍କା ଲୋକ୍‌ସଭା ସହେତେ ୩୫ ଟା ବିଧାନ୍‌ସଭା ଆସନ୍ ଲାଗି ଗଲାକାଏଲ୍‌ନୁ ନାମାଙ୍କନ୍ ପତ୍ର ଦାଖଲ୍ କାମ୍ ମୁଲ୍ ହେଇଛେ । ନାମାଙ୍କନ୍ ପତ୍ର ଦାଖଲ୍ ପ୍ରକ୍ରିୟା ଆଏବା ମାସର୍ ୩ ତାରିଖ୍‌ତକ୍ ଚାଲ୍‌ବା ।

ଜଗତ୍ ପ୍ରସାଦ୍ ନଡ୍ଡା-ଓଡ଼ିଶା ଆର୍‌ଏନ୍‌ୟୁ/ କଟକ୍

ଭାରତୀୟ ଜନତା ପାର୍ଟିର୍ ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ୍ ପ୍ରସାଦ୍ ନଡ୍ଡା ଆଏବା କାଏଲ୍ ଦିନ୍‌କିଆ ଓଡ଼ିଶା ଗସ୍ତ୍‌ଥି ଆସ୍‌ବେ ବଲି ବିଜେପିର୍ ଆଘର୍ ରାଜ୍ୟ ସଭାପତି ସମୀର୍ ମହାନ୍ତି ସାମ୍ବାଦିକ୍‌ମାନ୍‌କୁ କହିଛନ୍ । ଦିନ୍‌କିଆ କାର୍ଯ୍ୟକ୍ରମ୍‌ଥି ଶ୍ରୀ ନଡ୍ଡା

ନବରଙ୍ଗ୍‌ପୁର୍ ଆର୍ ବ୍ରହ୍ମପୁର୍ ଲୋକ୍‌ସଭା କ୍ଷେତ୍ର ଗସ୍ତ୍ କରିକରି ନିର୍ବାଚନୀ ସଭାଥି ଯୋଗ୍ ଦେବେ । ସେ ପହେଲା ବ୍ରହ୍ମପୁର୍ ଆର୍ ପଛେ ନବରଙ୍ଗ୍‌ପୁର୍ ଗସ୍ତଥି ଯିବାର୍ କାର୍ଯ୍ୟକ୍ରମ୍ ରହିଛେ ବଲି ଶ୍ରୀ ମହାନ୍ତି କହିଛନ୍ ।

ରାହୁଲ୍ ଗାନ୍ଧୀ - ଓଡ଼ିଶା ଆର୍‌ଏନ୍‌ୟୁ / ସମ୍ବଲପୁର

କଂଗ୍ରେସ୍ ସାଂସଦ୍ ରାହୁଲ୍ ଗାନ୍ଧୀ ଆଏବା କାଏଲ୍ ଓଡ଼ିଶା ଗସ୍ତ୍‌ଥି ଆସ୍‌ବେ । ସେ କଟକ୍ ଜିଲ୍ଲାର୍ ସାଲେପୁର୍ ଠାନେ ଦଲର୍ ନିର୍ବାଚନୀ ସଭାଥି ଉଦ୍‌ବୋଧନ୍ ଦେବେ । ସେ ରଏବାର୍ ଦିନ ଭୁବ୍‌ନେଶ୍ୱର୍‌ଠାନେ ପୁହୁଁଚିଥିଲା ଉତ୍‌ରୁ ସାଲେପୁର୍‌ର ସତ୍ୟଭାମାପୁର୍ ଉତ୍କଳଗୌରବଙ୍କର୍ ଜନ୍ମପୀଠ ନ ଶ୍ରଦ୍ଧାଞ୍ଜଳି ଦେବାର୍ କାର୍ଯ୍ୟକ୍ରମ୍ ରହିଛେ । ଗଲାକାଏଲ୍ କଂଗ୍ରେସ୍‌ର ଉଚ୍ଚସ୍ତରୀୟ କମିଟି ସତ୍ୟଭାବାପୁର୍ ଆର୍ ସଭାସ୍ଥଳ୍ ବୁଲି ଦେଖିଥିଲେ ।

ଯୁକ୍ତଦୁଇ ଆଗୁଆ ପାଠ୍‌ପଢ଼ା ଆର୍‌ଏନ୍‌ୟୁ / ସମ୍ବଲପୁର

୨୦୨୪-୨୫ ଶିକ୍ଷାବର୍ଷଥି ଉଚ୍ଚମାଧମିକ୍ ବିଦ୍ୟାଳୟ- ଯୁକ୍ତଦୁଇ ଦ୍ୱିତୀୟ ବର୍ଷର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଧାରିଜ୍ ସମିଆ ଆଗ୍‌ରୁ ପାଠ୍‌ପଢ଼ା ମୁଲ୍ ହେବା । ଆଏବାମାସୁ ଇ ପାଠ୍‌ପଢ଼ା ମୁଲ୍ ହେବା । ଇତାର୍‌ସହେତେ ପରୀକ୍ଷା, ଖାତାଦେଖା, ଯୁକ୍ତଦୁଇ କଲେଜ୍‌ସ୍ତର୍ ନ ଭିନ୍ ଭିନ୍ ପ୍ରତିଯୋଗିତା ଆଗୁଆ କର୍‌ବାର୍‌କେ ଯୋଜ୍‌ନା ତିଆର୍ କରାଯାଇଥିବାର୍ ଜନାପଡ଼ିଛେ । ଫି ବଛର୍ ମାର୍ଚ୍ଚ ପହେଲା ହପ୍ତା ନ ମୁଲ୍ ହେଉଥିବା ଯୁକ୍ତ ଦୁଇ ଥିଓରି ପରୀକ୍ଷା ୧୫ ଦିନ୍ ଆଗ୍‌ରୁ ଆଏବା ବଛର୍ ୨୦୨୫ ଫେବୃଆରୀ ମାସର୍ ୨ କି ୩ ନମ୍ବର୍ ହପ୍ତାଥି କରାଯିବା ।

ଯୁକ୍ତ ଦୁଇ ଅନ୍‌ଲାଇନ୍ ସପୋର୍ଟ ପ୍ରେଗ୍ରାମ୍

ଆର୍‌ଏନ୍‌ୟୁ / ସମ୍ବଲପୁର

ଚଲ୍‌ତି ଖରାଛୁଟି ସମିଆଥି ଯୁକ୍ତ ଦୁଇ ଶ୍ରେଣୀର୍ ଛାତ୍ରଛାତ୍ରୀମାନ୍‌କର୍ ଲାଗି ଅନ୍‌ଲାଇନ୍ ଏକାଡେମିକ୍ ସପୋର୍ଟ ପ୍ରୋଗ୍ରାମ୍ ଜରିଏ ଜେଇଇ ଆଉ ନିଟ୍ କୋଚିଂ ଦିଆଯିବା । ଇ ବାବ୍‌ଦେ ଉଚ୍ଚମାଧମିକ ଶିକ୍ଷା ନିର୍ଦ୍ଦେଶାଳୟ ତର୍‌ଫୁ ରାଜ୍ୟର୍ ସବୁ ସର୍‌କାରୀ, ସର୍‌କାରୀ ଅନୁଦାନ୍ ପାଉଥିବା, ବେସର୍‌କାରୀ ଆଉ ଧନ୍ଦାମୂଲକ୍ କଲେଜ୍‌ମାନ୍‌କର୍ ଅଧକ୍ଷମାନ୍‌କୁ ଚିଠି

ଲେଖାଯାଇଛେ । ସଖାଲର୍ ୧୦ ବଜେତକ୍ ଇ କୋଚିଂ ଦିଆଯିବା ।

ଭିନ୍ନକ୍ଷମ ନାଁ ଲେଖା ଆର୍ଏନ୍ୟୁ / ସମ୍ବଲପୁର

ଭିନ୍ନକ୍ଷମ ଛାତ୍ରଛାତ୍ରୀମାନ୍କର୍ ପାଠ୍ପଢ଼ାଥି ଯେନ୍ତା କେନ୍ସି ଅସୁବିଧା ନାଇଁ ହୁଏ ସେ ଦିଗେ, ଧ୍ୟାନ୍ ଦେବାର୍ ଲାଗି ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ୍ ପ୍ରାଧିକରଣ୍- ଓସେପା ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ଇ ବାବ୍ଦେ ସବୁ ଜିଲ୍ଲା ଶିକ୍ଷାଅଧିକାରୀ ଆଉ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଓସେପା ତର୍ଫୁ ଚିଠି ଲେଖାଯାଇକରି ଭିନ୍ନକ୍ଷମ ବର୍ଗର୍ ଶିକ୍ଷାର୍ଥୀମାନ୍କର୍ ଶହେ ପ୍ରତିଶତ୍ ନାଁଲେଖା ସୁନିଶ୍ଚିତ୍ କର୍ବାର୍ ଲାଗି କଡ଼ା ନିର୍ଦ୍ଦେଶ୍ ଦିଆଯାଇଛେ ।

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍ ଆର୍ଏନ୍ୟୁ / ସମ୍ବଲପୁର

ଆଏଜ୍ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍ । ମୁନୁଷର ଜୀବନ୍ ଧାରଣ୍ଥି ପ୍ରାଣୀସମ୍ପଦ୍ର ଗୁରୁତ୍ୱକେ ନେଇକରି ୨୦୦୧ ମସିହାନୁ ସାରା ପୁର୍ଥି ନ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍ ପାଳନ୍ କରାଯାଉଛେ । ଫି

ବଛର୍ ଏପ୍ରିଲ୍ ମାସର୍ ଶେଷ୍ ଶନିବାର୍‌ଥି ଇ ଦିବସ୍ ପାଲନ୍ କରାଯାଏସି । ଇ ବଛର୍ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ୍‌ର ବାର୍ତା ରଖାଯାଇଛେ 'ପ୍ରାଣୀ ଚିକିତ୍ସକ୍‌ମାନେ ହେଉଛନ୍ ପ୍ରୟୋଜନୀୟ ସ୍ୱାସ୍ଥ୍ୟକର୍ମୀ' ।

ମାଓଥିତି ସମୀକ୍ଷା ଆର୍‌ଏନ୍‌ୟୁ / ସମ୍ବଲପୁର

ବୌଦ୍ଧ ଜିଲ୍ଲା ନ ମାଓ ଥିତି ବାବ୍‌ଦେ ରାଜ୍ୟ ଗୁଇନ୍ଦା ନିର୍ଦ୍ଦେଶକ୍ ସୌମେନ୍ଦ୍ର ପ୍ରିୟଦର୍ଶୀ ଗଲାକାଏଲ୍ ସମୀକ୍ଷା କରିଛନ୍ । ସମୀକ୍ଷା ଉତ୍‌ରୁ ଦକ୍ଷିଣାଂଚଲ୍ ଆଇ.ଜି. ଜୟନାରାୟଣ୍ ପଙ୍କଜ୍ କହିଛନ୍ ଯେ, ଆଏବା ନିର୍ବାଚନ୍ ସମିଆଥି ଶାନ୍ତିଶୃଙ୍ଖଲା ଉପ୍‌ରେ ଜୋର୍ ଦିଆଯାଉଛେ । ଇ ସମୀକ୍ଷା ବୈଠକ୍‌ଥି ଅତିରିକ୍ତ ପୁଲିସ୍ ମହାନିର୍ଦ୍ଦେଶକ୍ ଦେବଦତ ସିଂ, ଆର୍ ବୌଦ୍ଧ ଆର୍ କନ୍ଧମାଲ୍‌ର ଏସ୍.ପି. ଉପସ୍ଥିତ୍ ଥିଲେ ।

ଆଇଏଏସ୍ ଅଦଲ୍‌ବଦଲ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଭାରତୀୟ ପ୍ରଶାସନିକ୍ ସେବା ଅଧିକାରୀସ୍ତର୍‌ଥି ଛୁଟିଆ ଅଦଲ୍‌ବଦଲ୍ କରାଯାଇଛେ । ଯୋଜ୍‌ନା

ଆଉ ସଂଯୋଜନା ବିଭାଗ୍‌ର ସ୍ୱତନ୍ତ୍ର ସଚିବ ଚିତ୍ରା ଅରୁମୁଗମ୍‌ଙ୍କୁ ଶ୍ରମ ବିଭାଗ୍‌ର ପ୍ରମୁଖ ଶାସନ୍ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । ସେନ୍ତା ଉଚ୍ଚଶିକ୍ଷା ବିଭାଗ୍‌ର ସଚିବ ଅରବିନ୍ଦ ଅଗ୍ରୱାଲ୍‌ଙ୍କୁ ରାଜ୍ୟପାଲ୍‌ଙ୍କର୍ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛେ । ସେଆଡ଼େ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀଙ୍କର୍ ସୂଚ୍‌ନା ଅନ୍‌ସାରେ ଭାରତ୍‌ର ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ଦକ୍ଷିଣାଂଚଲ୍ ରାଜସ୍ୱ କମିଶନର୍ ଭାବେ ବରିଷ୍ଠ ଆଇଏଏସ୍ ଅଧିକାରୀ ଆର୍. ସନ୍ଥ ଗୋପାଲନ୍‌ଙ୍କୁ ନିଯୁକ୍ତି ଦିଆଯାଇଥିବାର୍ ଜନାପଡ଼ିଛେ ।

ପାଣିପାଗ                ଆର୍‌ଏନ୍‌ୟୁ /  ସମ୍ବଲପୁର

ରାଏଜେ ଗ୍ରୀଷ୍ମପ୍ରବାହର୍ ଲାଗି ୩୦ ତାରିଖ୍‌ତକ୍ ରେଡ଼୍‌ୱାର୍ଣ୍ଣିଂ ଜାରି କରାଯାଇଛେ । ଏନ୍ତାକି ଆଏବା ୩୦ ତାରିଖ୍‌ତକ୍  ତାତି ଆହୁରି ବଢ଼୍‌ବା ବଲି ପାଣିପାଗ୍ ବିଶେଷଜ୍ଞମାନେ ଅନୁମାନ୍ କରିଛନ୍ । ଗଲା ପାଖାପାଖି ୨ ହପ୍ତା ହେଲା ରାଏଜେ ଜବର୍ ଗ୍ରୀଷ୍ମପ୍ରବାହ ଜାରି ରହିଛେ । ରାଏଜେ ପହେଲାକରି ଏତେ ଲମ୍ବା ସମିଆ ଧରିକରି ଗ୍ରୀଷ୍ମପ୍ରବାହ ଜାରି ରହିଛେ । ବାୟୁମଣ୍ଡଲ୍‌ଥି ଆଦ୍ରତା ଆଉ ଗ୍ରୀଷ୍ମଲହରୀର୍ ଲାଗି ବହୁତ୍‌ଟେ ଜାଗା ନ ଗରମ୍ ସହେତେ

ଗୁଲ୍‌ଗୁଲି ବଢ଼ିଛେ । ଖରାଥି ବାହାର୍‌କେ ନାଇଁ ବାହାର୍‌ବାର୍ ଲାଗି ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଲୁକ୍‌କୁ ପରାମର୍ଶ ଦେଇଛନ୍ । ଇ ବାବ୍‌ଦେ ଏସ୍‌ଆର୍‌ସିଙ୍କର୍ ତର୍‌ଫୁ ମୋବାଇଲ୍ ମେସେଜ୍ ଜରିଏ ଲୁକ୍‌କୁ ସୂଚ୍‌ନା ଦିଆଯାଇଛେ ।